


ରବୀନ୍ଦ୍ରନାଥ ଟାଗୋର
ଚିତ୍ର: ସୁନୈନା କୋଏଲ୍ହୋ

# ବାଦଲ ଓ ଢେଉ

କଥାର ଗୋଟିଏ ୩୦୦ମି ଚିନ୍ତା କରିବା ପାଇଁ ଖୋରାକ ଯୋଗାଉଥିବା ବହି



ମାଆ, ବାଦଲରେ ଯେଉଁମାନେ
ରହୁଛନ୍ତି ଦିନେ ସେମାନେ ମୋତେ
ଡାକିଲେ...ଆଉ କହିଲେ



"ଆସ! ଆମେ ସକାଳୁ ଉଠିବା ପରଠୁ
ଆରମ୍ଭ କରି ଦିନ ସରିବା ଯାଏଁ
ଖେଳିବା । ଆମେ ସୁନେଲି ସକାଳ
ସହ ଖେଳିବା ଏବଂ ରୁପେଲି ଜହ୍ନ
ସାଙ୍ଗରେ ଖେଳିବା ।"

ମୁଁ ପଚାରିଲି, "ହେଲେ ମୁଁ
ତୁମ ପାଖକୁ କେମିତି ଯିବି?"



ସେମାନେ କହିଲେ, "ପୃଥିବୀର ଧାର ପାଖକୁ ଆସ, ଆକାଶ ଆଡ଼କୁ ତୁମ ହାତ ଉଠାଅ । ଆମେ ତୁମକୁ ବାଦଲ ଭିତରକୁ ନେଇଯିବୁ ।"



ମୁଁ କହିଲି, "ମାଆ ଘରେ ମୋ ବାଟ ଚାହିଁ ବସିଛି । ମୁଁ ତାକୁ ଛାଡ଼ି କେମିତି ଆସିବି?" ତା'ପରେ ସେମାନେ ହସିଲେ ଏବଂ ଭାସି ଭାସି ଚାଲିଗଲେ ।


ହେଲେ ମା' ମୁଁ ତା'ଠୁ ବି ଗୋଟେ ଭଲ
ଖେଳ ଜାଣିଛି । ମୁଁ ବାଦଲ ହେବି
ଆଉ ତୁ ଜହ୍ନ ।

ମୁଁ ତତେ ମୋ ଦୁଇ ହାତରେ
ଘୋଡ଼େଇ ଦେବି ଆଉ ଆମ
ଘର ଛାତ ହେବ ନୀଳ ଆକାଶ ।



ଢେଉରେ ଯେଉଁମାନେ ରହୁଛନ୍ତି, ମୋତେ
ଡାକିଲେ..."ଆସ! ଆମେ ସକାଳୁ ସଞ୍ଜ ଯାଏଁ
ଗୀତ ଗାଉଛୁ; ଆମେ ସବୁବେଳେ ଚାଲୁଛୁ,
ହେଲେ ଜାଣିନୁ ଆମେ କୁଆଡ଼େ ଯାଉଛୁ ।"





ମୁଁ ପଚାରିଲି, "ହେଲେ ମୁଁ ତୁମ
ପାଖକୁ କେମିତି ଯିବି?"

ସେମାନେ ମୋତେ କହିଲେ, "ସମୁଦ୍ର କୂଳକୁ ଆସ
ଏବଂ ତୁମ ଆଖି ଭଲରେ ବନ୍ଦ କରି ଠିଆ ହୁଅ ।

ଆମେ ତୁମକୁ ଢେଉରେ
ଭସାଇ ନେବୁ ।"





ମୁଁ କହିଲି, "ମୋ ମାଆ ଚାହୁଁଛି ମୁଁ
ସବୁବେଳେ ସନ୍ଧ୍ୟାରେ ଘରେ ରହିବି ।
ମୁଁ ତାକୁ ଛାଡ଼ି କେମିତି ଯିବି? "

ସେମାନେ ହସିଲେ,
ନାଚି ନାଚି ପାଣିରେ
ମିଳେଇ ଗଲେ ।



ହେଲେ ମୁଁ ତାଠୁ ଗୋଟେ ଭଲ
ଖେଳ ଜାଣିଛି ।

ମୁଁ ଢେଉ ହେବି ଆଉ ତୁ ହବୁ
ଅଜଣା କୂଳ । ମୁଁ ଗଡ଼ି ଗଡ଼ି ଯିବି
ଆଉ ତୋ କୋଳରେ ହସି ହସି
ଲୋଟିଯିବି ।

ଆମେ ଦୁଇଜଣ କୋଉଠି
ଲୁଚିଯିବା ଦୁନିଆରେ
କେହି ଜାଣି ପାରିବେନି!



# ରବୀନ୍ଦ୍ରନାଥ ଟାଗୋରଙ୍କ ପରିବାରର ସଦସ୍ୟମାନେ



ରବୀନ୍ଦ୍ରନାଥ ଟାଗୋର 7 ମଇ 1861 ରେ କଲିକତାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କୁ ସମସ୍ତେ ସମ୍ମାନରେ ଗୁରୁଦେବ ଡାକନ୍ତି । ତାଙ୍କ ପିତା ଦେବେନ୍ଦ୍ରନାଥ ଟାଗୋର ଜଣେ ସଂସ୍କୃତ ପଣ୍ଡିତ ଥିଲେ। ଘରେ ଗୁରୁଦେବଙ୍କ ପ୍ରାଥମିକ ଶିକ୍ଷା ଆରମ୍ଭ ହୋଇଥିଲା। ବିଦ୍ୟାଳୟରେ, ଯେତେବେଳେ ଅନ୍ୟମାନେ ପାଠ ପଢୁଥିଲେ, ରବୀନ୍ଦ୍ରନାଥ ସ୍ୱପ୍ନର ରୋମାଞ୍ଚକର ଦୁନିଆକୁ ଚାଲି ଯାଉଥିଲେ ।  ସେ ସାତ ବର୍ଷ ବୟସରେ ତାଙ୍କର ପ୍ରଥମ କବିତା ଲେଖିଥିଲେ। ସତର ବର୍ଷ ବୟସରେ ତାଙ୍କର ପ୍ରଥମ କବିତା ପୁସ୍ତକ ପ୍ରକାଶିତ ହୋଇଥିଲା । ତାଙ୍କର ଲେଖାରେ ଏକ ପ୍ରକାର ଯାଦୁ ଥିଲା । ତାଙ୍କ ଗୀତ ସବୁ ଗଭୀର ଭାବନାକୁ ଉତ୍ସାହିତ କରେ ଏବଂ ଶବ୍ଦର ସହଜତା ଏବଂ ପ୍ରବାହ ପାଠକ ମନରେ ଗଭୀର ଛାପ ଛାଡ଼ିଯାଏ । ତାଙ୍କର ଜଣାଶୁଣା କବିତା ସଂକଳନ ଗୀତାଞ୍ଜଳି ପାଇଁ ତାଙ୍କୁ 1913 ମସିହାରେ ସାହିତ୍ୟରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା।

ଅହ୍ମଦାବାଦ ନେଶନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନରେ ସୁନୈନା କୋଏହ୍ଲୋ ଆନିମେଶନ୍ କୋର୍ସ କରିଛନ୍ତି ଏବଂ ବର୍ତ୍ତମାନ ସେ ମୁମ୍ବାଇରେ ରହୁଛନ୍ତି । ସେଠାରେ ସେ ଟେଲିଭିଜନ ପାଇଁ ଆନିମେଶନ୍ କରୁଛନ୍ତି । ଯେତେବେଳେ ସେ ଚିତ୍ର ଆଙ୍କନ୍ତି ନାହିଁ, ସେ ପ୍ରାୟତଃ ଶୋଇଥା'ନ୍ତି, ସ୍ୱପ୍ନ ଦେଖନ୍ତି, ରୋଷେଇ କରନ୍ତି କିମ୍ବା ସମୁଦ୍ର କୂଳରେ ବସିଥା'ନ୍ତି, ଇଚ୍ଛା କରନ୍ତି ଯେ, ପହଁରିବା ପାଇଁ ସମୁଦ୍ର ଅଧିକ ପରିଷ୍କାର ଥିଲେ ଭଲ ହୋଇଥା,ନ୍ତା ।

## KATHA

କଥା ଏକ ବିଶ୍ୱବ୍ୟାପୀ ସ୍ୱୀକୃତିପ୍ରାପ୍ତ ଅଣ-ଲାଭକାରୀ ସଂସ୍ଥା (www.katha.org) ଯାହା 1988 ମସିହାରୁ ସାକ୍ଷରତାରୁ ସାହିତ୍ୟ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରି ଆସୁଅଛି । ଗରୀବ ପିଲାମାନଙ୍କ ପାଇଁ ପ୍ରକାଶନ ଏବଂ ଶିକ୍ଷା କ୍ଷେତ୍ରରେ ଆମର ପ୍ରାୟ 30 ବର୍ଷର ଅଭିଜ୍ଞତା ଅଛି ।

"ଭାରତର ମୁକୁଟରେ ଶିକ୍ଷାର ଏକ ଉଜ୍ଜ୍ୱଳ ମଣି" — ନାୟୁକି ଶିନୋହାରା, ଉପ ପରିଚାଳନା ନିର୍ଦ୍ଦେଶକ, ଆଇଏମ୍ ଏଫ୍

"ସହରର ସାଧାରଣ ତଥା ଦୈନନ୍ଦିନ ଜୀବନର ଛୋଟ ଛୋଟ ଦୁଃଖ ଓ ଭୟଙ୍କର କଷ୍ଟର ମୁକାବିଲା କରିବା ପାଇଁ ଯେଉଁ ସବୁ ସୃଜନଶୀଳ ପ୍ରଚେଷ୍ଟା ଚାଲିଅଛି ସେମାନଙ୍କ ମଧରେ "କଥା" ର ଏକ ସ୍ୱତନ୍ତ୍ର ପରିଚୟ ଅଛି ।" — ଚାର୍ଲ୍ସ ଲ୍ୟାଣ୍ଡ୍ରି, ଦ ଆର୍ଟ ଅଫ୍ ସିଟି ମେକିଙ୍ଗ୍

"କଥା"ର ପିଲାମାନଙ୍କ ପାଇଁ ବିଶେଷ ଅନୁରାଗ ରହିଛି ତେଣୁ... ଏହା ପିଲାମାନଙ୍କ ପାଇଁ ଏପରି ସୁନ୍ଦର ସୁନ୍ଦର ଚିତ୍ର ସମ୍ବଳିତ ପୁସ୍ତକ ପ୍ରକାଶ କରୁଛି ।" — ଟାଇମ୍ ଆଉଟ୍

"କଥା" ବିଶ୍ୱାସ କରେ ଯେ ପିଲାମାନେ ତାଙ୍କ ଦୁନିଆରେ ବାସ୍ତବ ଏବଂ ଧାରଣାକ୍ଷମ ପରିବର୍ତ୍ତନ ଆଣିପାରିବେ, — ପେପରଟାଇଗର୍ସ

ଏହି ସଂସ୍କରଣ ପ୍ରଥମେ 2021 ପ୍ରକାଶିତ ହୋଇଥିଲା
କପିରାଇଟ୍ ©କଥା, 2011, 2021
ଲେଖା କପିରାଇଟ୍©ରବୀନ୍ଦ୍ରନାଥଟାଗୋର
ଚିତ୍ର କପିରାଇଟ୍ © କଥା
A3, ସର୍ବୋଦୟ ଏନକ୍ଲେଭ, ଶ୍ରୀ ଅରୋବିନ୍ଦ ମାର୍ଗ, ନୂଆଦିଲ୍ଲୀ 110 017
ଫୋନ୍ : 91-11 4141 6600 . 4141 6610
ଇମେଲ୍: editors@katha.org, Website: www.katha.org
ISBN 978-93-82454-65-6

**ଆମର ଲକ୍ଷ**: ପ୍ରତ୍ୟେକ ପିଲା ଖୁସି ମନରେ ଓ ଭଲଭାବରେ ପଢ଼ିପାରନ୍ତୁ! "କଥା" ହେଉଛି ଏକ ପଞ୍ଜୀକୃତ ଅଣ-ଲାଭକାରୀ ସଂସ୍ଥା ଯାହା 1988 ରେ ସ୍ଥାପିତ ହୋଇଥିଲା । ଆମେ ସାହିତ୍ୟର ସାକ୍ଷରତା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁ । ପିଲା ଏବଂ ବୟସ୍କମାନଙ୍କ ଭିତରେ ପଢ଼ିବାରେ ଇଚ୍ଛା ସୃଷ୍ଟି କରିବା ପାଇଁ ଏହା ସମର୍ପିତ ଭାବରେ ଚେଷ୍ଟା କରିଆସୁଛି, ଭଲ ମାନର ପୁସ୍ତକ ଓ ଅନ୍ୟାନ୍ୟ ପ୍ରଚେଷ୍ଟା ମାଧମରେ ଏହା ଭଲ ମାନର ପୁସ୍ତକ ପ୍ରକାଶ କରୁଛି 1,00,000 ରୁ ଅଧିକ ଗରୀବ ପିଲାଙ୍କ ସହିତ କାମ କରୁଛି ଏବଂ ସେମାନଙ୍କର ପଢ଼ିବାର ଶକ୍ତି ବଢ଼ାଉଛି ।

ସର୍ବ ସତ୍ତ୍ୱ ସୁରକ୍ଷିତ । ଏହି ପୁସ୍ତକର କୌଣସି ଭାଗ ପ୍ରକାଶକଙ୍କ ପୂର୍ବ ଲିଖିତ ଅନୁମତି ବିନା ପୁନଃ ପ୍ରକାଶିତ କିମ୍ବା ବ୍ୟବହୃତ ହୋଇପାରିବ ନାହିଁ ।
ଏହି ବହିଗୁଡ଼ିକର ବିକ୍ରୟରୁ ମୋଟ୍ ଆୟର 10ପ୍ରତିଶତ ବଞ୍ଚିତ ପିଲାମାନଙ୍କର ପଢ଼ିବା ଏବଂ ଜୀବନବ୍ୟାପୀ ଶିକ୍ଷା ପାଇଁ ଖର୍ଚ୍ଚ କରାଯିବ ।





ଆଇ ଲଭ୍ ରିଡିଙ୍ଗ୍ ଲାଇବ୍ରେରୀ ହେଉଛି ପୁସ୍ତକଗୁଡ଼ିକର ଏକ ଅନନ୍ୟ ସିରିଜ୍ ଯାହା ନୂଆକରି ପଢ଼ିବାକୁ ଶିଖୁଥିବା ଓ ନିଜର ଉପରେ କମ ବିଶ୍ୱାସ ଥିବା ପାଠକମାନଙ୍କୁ ଅନାୟସରେ ଆଗ୍ରହରେ ପଢ଼ିବାର ସାମର୍ଥ୍ୟ ଦେବାକୁ ଉଦ୍ୟମ କରିଆସୁଛି । ପଢ଼ିବାର ସାମର୍ଥ୍ୟ ଦୃଷ୍ଟିରୁ ଭିନ୍ନ ଭିନ୍ନ ସ୍ତରରେ ଥିବା ପିଲାମାନଙ୍କୁ ଆବଶ୍ୟକତାକୁ ଆଖିରେ ରଖି ଉଚ୍ଚକୋଟୀର ବିଷୟବସ୍ତୁ ଏବଂ ଆକର୍ଷଣୀୟ ଚିତ୍ର ସହିତ, ଏହା ଭାରତ ଏବଂ ବିଶ୍ୱର ସର୍ବୋତ୍ତମ ସାହିତ୍ୟିକ ସୃଷ୍ଟି ଏବଂ ଚିତ୍ରକଳାକୁ ଏକତ୍ର କରି ପରିବେଷଣ କରିଥାଏ । ଆମର ପ୍ରକାଶିତ ପୁସ୍ତକ ଗୀତା ଧର୍ମରାଜନଙ୍କ ଷ୍ଟୋରୀ ପେଡାଗୋଜୀTM - ଏକ ଅନନ୍ୟ ଶୈକ୍ଷଣିକ ନମୂନା ଯୋଗାଇଥାଏ, ଯାହା ପ୍ରଥମ ପିଢ଼ିର ପାଠକମାନଙ୍କୁ ବିଶେଷ ଭାବରେ ପଢ଼ିବାର ଆନନ୍ଦ ଦେଇଥାଏ, ଏବଂ ପିଲାକୁ ବିଗ୍ ଆଇଡିଆ (Big Idea) ଏବଂ ଟା-ଡା (Ta-Daa) ର ଆକର୍ଷଣୀୟ ଦୁନିଆକୁ ନେଇଯାଏ ! (ଚିନ୍ତାକର, ପ୍ରଶ୍ନ ପଚାର, ଆଲୋଚନା କର, ଅଭିନୟ କରି ଦେଖାଅ ଏବଂ ସଫଳତା ହାସଲ କର)

ସାମଗ୍ରୀକ ଦୃଷ୍ଟିକୋଣରୁ ପ୍ରାଥମିକ ଶିକ୍ଷାର ପ୍ରୟୋଗଶାଳା (Katha's Holistic Early Learning) ଏହା ସରକାରୀ, ଅଣ-ଲାଭକାରୀ ଏବଂ ବେସରକାରୀ ବିଦ୍ୟାଳୟର ଶିକ୍ଷକମାନଙ୍କୁ କର୍ମଶାଳା ଆୟୋଜିତ କରିଥାଏ । ଏଗୁଡ଼ିକ ହେଉଛି ଶିକ୍ଷକ, ବିଦ୍ୟାଳୟ ପ୍ରଶାସକ ଏବଂ ସ୍ୱେଚ୍ଛାସେବୀମାନେ କର୍ମଶାଳାର ପ୍ରତ୍ୟେକ୍ଷ ସମ୍ପର୍କ ଅନଲାଇନ୍ ସେସନ୍ ଯୋଗଦେଇ ଫଠନ ଶିକ୍ଷକ ସାର୍ଟିଫିକେଟ୍ ପାଆନ୍ତି । ଅଧିକ ଜାଣିବାକୁ, ଆମସହ 300m@katha.org ଯୋଗାଯୋଗ କରନ୍ତୁ

# ଏହି ସମସ୍ତ ଆଇଏଲଆର୍ ବହିଗୁଡ଼ିକ

ଆନନ୍ଦ ପାଇବା ପାଇଁ ଏବଂ ନୂଆ ନୂଆ କଥା ଆବିଷ୍କାର କରିବା ପାଇଁ ପଢ଼ନ୍ତୁ










































FOR OUR BOOKS

www.books.katha.org

"କାହାଣୀ ମାଧ୍ୟମରେ ଭାରତର ବିବିଧ ସଂସ୍କୃତି ପରିଚୟ। "

- ଦ ପାୟୋନିର୍

ପିଲାମାନଙ୍କ ପାଇଁ
ଗୋଟିଏ କଥା ବହି
ISBN 978-93-88284-81-3
9 789388 284813
www.katha.org
xxx

ଉପଭୋଗ କରନ୍ତୁ